ହରି ଶାମରାଓ ହିମଜେ ଏବଂ ଅନ୍ୟମାନେ

ବନାମ

ଭାରତ ଭାରତ ସଂଘ ଏବଂ ଅନ୍ୟମାନେ

ଡିସେମ୍ବର 9, 1996

[କେ. ରାମାସ୍ୱାମୀ ଏବଂ ଜି.ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ – ଅପିଲକାରୀମାନେ ତଥ୍ୟ ପ୍ରକ୍ରିୟାକରଣ ସହାୟକରୁ ତଥ୍ୟ ପ୍ରକ୍ରିୟାକରଣ ପର୍ଯ୍ୟବେକ୍ଷକକୁ ପଦୋନ୍ନତି ପାଇଥିଲେ – ପ୍ରବେଶ ପଦକ୍ରମରେ ତଥ୍ୟ ପ୍ରକ୍ରିୟାକରଣ ସହାୟକ ଶ୍ରେଣୀ 'A' ରେ ସ୍ଥାନିତ ହୋଇଥିଲେ – ସେମାନେ ଦାବି କରିଥିଲେ ଯେ, ସେମାନଙ୍କୁ ତଥ୍ୟ ପ୍ରକ୍ରିୟାକରଣ ସହାୟକ ଶ୍ରେଣୀ 'B' ଅର୍ଥାତ୍ ପଦୋନ୍ନତି ସ୍ତରରେ ସ୍ଥାପିତ କରାଯିବା ଉଚିତ ଥିଲା – ସରକାର ଏହି ପ୍ରସଙ୍ଗର ବିଚାର ପାଇଁ ନିର୍ଦ୍ଦେଶ ଦେଇଥିଲେ – ସରକାରଙ୍କ ଅନୁରୋଧରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ମାମଲା ସ୍ଥଗିତ କରାଯାଇ, ପୂର୍ବ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା – ସରକାରଙ୍କ ଦ୍ୱାରା କୌଣସି ଅଗ୍ରଗତି କିମ୍ବା ପଦକ୍ଷେପ ନିଆଯାଇନଥିଲା – ଏପରି ପରିସ୍ଥିତିରେ ସର୍ବୋଚ୍ଚ ନ୍ୟାୟାଳୟ ଆହୁରି ସମୟ ବୃଦ୍ଧି କରିବାକୁ ମନା କରିଦେଇଥିଲେ – ଅପିଲକାରୀଙ୍କୁ ତଥ୍ୟ ପ୍ରକ୍ରିୟାକରଣ ସହାୟକର ଶ୍ରେଣୀ 'B' ରେ ସ୍ଥାପିତ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 16741/1996 ।

ଓ.ଏ. ସଂଖ୍ୟା 755/1990ରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ବମ୍ବେର 7.3.95 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ପ୍ରମୋଦ କେ. ଶର୍ମା ଏବଂ ଅଶୋକ କେ. ମହାଜନ ।

ଉତ୍ତରଦାତାମାନଙ୍କ ପାଇଁ ଆର୍. ଭେଣୁଗୋପାଲ ରେଡ୍ଡୀ, ସୁଶ୍ରୀ ସି.କେ. ସୁଚରିତା ଏବଂ ସି.ଭି.ଏସ୍. ରାଓ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ  ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ବମ୍ବେ ବିଚାରପୀଠ 7.3.1995 ତାରିଖର ଓଏ ସଂଖ୍ୟା 755/90ରେ ଦିଆଯାଇଥିବା ଆଦେଶରୁ ଉତ୍ପନ୍ନ ହୋଇଛି । ଏହି ମାମଲାରେ ସମସ୍ତ ତଥ୍ୟ ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ । ଏହା କହିବା ଯଥେଷ୍ଟ ହେବ ଯେ, ଏହି ନ୍ୟାୟାଳୟଙ୍କର ଅଗଷ୍ଟ 12,1996 ତାରିଖର ଆଦେଶ ଅନୁଯାୟୀ, ଏହି ନ୍ୟାୟାଳୟ ଅପିଲକାରୀଙ୍କୁ ତଥ୍ୟ ପ୍ରକ୍ରିୟାକରଣ ସହାୟକରୁ ତଥ୍ୟ ପ୍ରକ୍ରିୟାକରଣ ପର୍ଯ୍ୟବେକ୍ଷକକୁ ପଦୋନ୍ନତିର ଆଦେଶ ଏବଂ ସେମାନଙ୍କର ବେତନ ମାନ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତଦନୁସାରେ, ନଥିଗୁଡ଼ିକ

ପ୍ରସ୍ତୁତ କରାଯାଇଛି ଯାହା ପ୍ରମାଣ କରେ ଯେ, ଅପିଲକାରୀଙ୍କୁ ତଥ୍ୟ ପ୍ରକ୍ରିୟାକରଣ ସହାୟକରୁ ତଥ୍ୟ ପ୍ରକ୍ରିୟାକରଣ ପର୍ଯ୍ୟବେକ୍ଷକକୁ ପଦୋନ୍ନତି ଦିଆଯାଇଥିଲା । ତତ୍କାଳୀନ ନୀତି ଅନୁସାରେ ପଦବୀଗୁଡ଼ିକର ପୁନଃନିର୍ଦ୍ଦେଶନ ଏବଂ ବର୍ଗୀକରଣରେ, ସେମାନଙ୍କୁ ତଥ୍ୟ ପ୍ରକ୍ରିୟାକରଣ ସହାୟକ ପଦକ୍ରମ 'A'ରେ 1600-2600 ଟଙ୍କା ବେତନ ମାନରେ ରଖାଯାଇଥିଲା, ଯାହା ପ୍ରବେଶ ଶ୍ରେଣୀର ଅଟେ । ଅପିଲକାରୀମାନେ ଦାବି କରିଛନ୍ତି ଯେ, ତଥ୍ୟ ପ୍ରକ୍ରିୟାକରଣ ସହାୟକରୁ ପର୍ଯ୍ୟବେକ୍ଷକ ଭାବରେ ପଦୋନ୍ନତି ପାଇ ସେମାନଙ୍କୁ ଶ୍ରେଣୀ 'A' ରେ ରଖିବା ଅନ୍ୟାୟ ହେବ ଏବଂ ସେମାନଙ୍କୁ ତଥ୍ୟ ପ୍ରକ୍ରିୟାକରଣ ସହାୟକ ଶ୍ରେଣୀ 'B' ରେ ସ୍ଥାପିତ କରାଯିବା ଉଚିତ ଥିଲା ଯାହା 2000-3300 ଟଙ୍କା ବେତନ ମାନରେ ଏକ ପଦୋନ୍ନତିମୂଳକ ଶ୍ରେଣୀ ଅଟେ । ଯେହେତୁ ଅପିଲକାରୀମାନେ ଯୋଜନା ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଦ୍ୱାରା ପାରିତ ହୋଇଥିବା ମଇ 15, 1996 ତାରିଖର ଏକ ଚିଠି ଦାଖଲ କରିଛନ୍ତି, ଯାହା ଅନୁଯାୟୀ ସରକାର ନିଜେ ଉପରୋକ୍ତ କାର୍ଯ୍ୟପନ୍ଥା ଦ୍ୱାରା 2 ଜୁଲାଇ 1990ରେ ସେମାନଙ୍କର ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ଏହି ମାମଲାକୁ ପୁନର୍ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଉତ୍ତରଦାତାଙ୍କ ପାଇଁ ଉପସ୍ଥିତ ବିଜ୍ଞ ଅଧିବକ୍ତାଙ୍କ ଅନୁରୋଧରେ, ଆମେ ମାମଲାଗୁଡ଼ିକୁ ସ୍ଥଗିତ ରଖିଛୁ ଏବଂ ଉତ୍ତରଦାତାମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସେପ୍ଟେମ୍ବର 2, 1996 ତାରିଖର ଆମର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛୁ ଏବଂ ତିନି ମାସ ପରେ ମାମଲା ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛୁ । ଆଜି ଯେତେବେଳେ ଏହି ମାମଲା ସାମ୍ନାକୁ ଆସିଛି, ଆଦେଶ ତାରିଖ ଠାରୁ ଆଜି ପର୍ଯ୍ୟନ୍ତ ସମ୍ପୃକ୍ତ ଅଧିକାରୀଙ୍କ ତରଫରୁ କ'ଣ ପଦକ୍ଷେପ ନିଆଯାଇଛି ତାହା ଦର୍ଶାଉଥିବା କୌଣସି ସତ୍ୟପାଠ ଦାଖଲ କରାଯାଇ ନଥିଲା । ଉତ୍ତରଦାତାମାନଙ୍କ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ଆର୍. ଭେଣୁଗୋପାଲ ରେଡ୍ଡୀ ଏହା କହି ଆହୁରି ତିନି ମାସ ସମୟ ମାଗିଥିଲେ ଯେ, ସେମାନଙ୍କୁ ଆଇନ ବିଭାଗ ଏବଂ ଅର୍ଥ ବିଭାଗ ସହିତ ପରାମର୍ଶ କରିବାକୁ ପଡ଼ିବ । ଉତ୍ତରଦାତାମାନେ କୌଣସି ଅଗ୍ରଗତି କିମ୍ବା ନିଆଯାଇଥିବା ପଦକ୍ଷେପକୁ ଦର୍ଶାଇ ନଥିବାରୁ, ଆମେ ସମୟ ବୃଦ୍ଧି କରିବାକୁ ମନା କରୁଛୁ । ଅପିଲକୁ ଅନୁମତି ଦେବା ବ୍ୟତୀତ ଆମ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ । ନ୍ୟାୟାଧିକରଣଙ୍କ ଆଦେଶକୁ ରଦ୍ଦ କରିଦିଆଯାଇଛି । ଓଏ ରେ ନିର୍ଦ୍ଦେଶ ଦିଆଯାଉଛି । ଉତ୍ତରଦାତାମାନଙ୍କୁ ସମସ୍ତ ଆନୁଷଙ୍ଗିକ ସୁବିଧା ସହିତ 2000-3300 ଟଙ୍କା ବେତନ ମାନରେ ସେମାନଙ୍କୁ ଶ୍ରେଣୀ 'B' ତଥ୍ୟ ପ୍ରକ୍ରିୟାକରଣ ସହାୟକରେ ସ୍ଥାପିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଅପିଲକୁ ଅନୁମତି ଦିଆଯାଇଛି କିନ୍ତୁ ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ନାହିଁ ।

ଟି.ଏନ୍.ଏ. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦକ
ସତ୍ୟରଞ୍ଜନ ସାମଲ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ